بسم الله الرحمن الرحيم

**ଖୁତବା ଜୁମା ୫ ଅକ୍ଟୋବର୍ ୨୦୧୮ର ସାରାଂଶ**

**ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ଲଣ୍ଡନ୍**

**ହୁଜୁର୍ ସ.ଅଙ୍କ ସର୍ବୋଚ୍ଚ ପଦମର୍ଯ୍ୟାଦା ସମ୍ପନ୍ନ ବଦର ସାହାବ୍ ହଜ଼ରତ୍ ଅବ୍ଦୁଲ୍ଲାଃ ବନ୍ ମସଉଦ୍ ର.ଅ ଏବଂ ହଜରତ୍ କୁଦ୍ଦାମା ବନ୍ ମଜ଼ଉନ୍ ର.ଅଙ୍କ ପ୍ରଶଂସନୀୟ ସଦ୍‌ଗୁଣ ଓ ଉତ୍କର୍ଷପୂର୍ଣ୍ଣ ବିଶ୍ୱାସବର୍ଦ୍ଧକ ଏବଂ ମନମୁଗ୍ଧକର ଚର୍ଚ୍ଚା ।**

ତଶହୁଦ୍ ତଉଜ୍ ଏବଂ ସୁରା ଫାତିହାର ଆବୃତ୍ତି କରିବା ପରେ ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେଃହିଲ୍ ଅଜ଼ିଜ଼୍ କହିଲେ: ଗତ ଖୁତବାର ପର୍ଯ୍ୟାଲୋଚନାରେ ମୁଁ ଆଁହଜ଼ରତ୍ ସ.ଅଙ୍କ ସାହାବି ହଜ଼ରତ୍ ଅବ୍ଦୁଲ୍ଲାଃ ଇବ୍ନେ ମସଉଦ୍ ର.ଅଙ୍କ ବିଷୟରେ ଚର୍ଚ୍ଚା କରୁଥିଲି । କେତେକ ରିୱାୟତଗୁଡ଼ିକ ରହିଯାଇଥିଲା ତାହା ସମ୍ବନ୍ଧରେ ମୁଁ ଆଜି ଆଲୋଚନା କରିବି । ହଜ଼ରତ୍ ଇବ୍ନେ ମସଉଦ୍ ର.ଅଙ୍କ କୁଳବୃଦ୍ଧ ସାହାବାମାନେ ଉଲ୍ଲେଖ କରନ୍ତି ଯେ,ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ଇଶ୍ୱରଙ୍କ ଅତ୍ୟନ୍ତ ନିକଟତର ଓ ଦୃଢ଼ ସଂପର୍କ ସ୍ଥାପନକାରୀଙ୍କ ମଧ୍ୟରେ ଜଣେ ଆସାଧାରଣ ବ୍ୟକ୍ତି ଥିଲେ ଏବଂ ହୁଜୁର୍ ସ.ଅ ଯେଉଁ ସାହାବାମାନଙ୍କର ଆଦର୍ଶକୁ ପଥରେ ପ୍ରଦାନକରୁଥିବା ମଶାଲ ପରି ନିଜକୁ ଗଢି ତୋଳିବା ପାଇଁ ବିଶେଷରୂପେ ନିର୍ଦ୍ଦେଶ ଦେଇଥିଲେ ସେହି ସାହାବାମାନଙ୍କ ମଧ୍ୟରୁ ହଜ଼ରତ୍ ଅବୁ ବକ୍କର୍ ର.ଅ ହଜ଼ରତ୍ ଉମର୍ ର.ଅଙ୍କ ବ୍ୟତୀତ ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅଙ୍କ ନାମ ମଧ୍ୟ ଅନ୍ୟତମ ଅଟେ । ଆଁହଜ଼ରତ୍ ସ.ଅ ବର୍ଣ୍ଣନା କରନ୍ତି ଯେ,ହେ ମୁସଲମାନମାନେ ! ଅବ୍ଦୁଲ୍ଲା ଇବ୍ନେ ମସଉଦଙ୍କ ଆପଣାଇଥିବା ପନ୍ଥା ବା ଶୈଳୀକୁ ଦୃଢତାର ସହ ଆପଣାଅ । ଆଁହଜ଼ରତ୍ ସ.ଅଙ୍କୁ ଇବ୍ନେ ମସଉଦ୍ ର.ଅଙ୍କ ଉପରେ ଏକ ବିଶେଷ ପ୍ରକାରର ଭରସା ରହିଥିଲା । ସେହିପରି ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦଙ୍କୁ ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ଅସ୍ତିତ୍ୱ ପ୍ରତି ପ୍ରେମ ରହିଥିଲା । ଆଁହଜ଼ରତ୍ ସ.ଅଙ୍କ ସାହଚର୍ଯ୍ୟ ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅଙ୍କୁ ଏକ ଉପାସନକାରୀ ଭକ୍ତରେ ପରିଣତ କରିଦେଇଥିଲା । ତାଙ୍କର ଉପାସନା ଏବଂ ନୱାଫିଲ୍ ପ୍ରତି ଏତେ ଅଭିରୂଚି ଥିଲା ଯେ,ନମାଜ଼େ ଫଜର୍ ଓ ନମାଜ଼େ ତେହେଜ୍ଜୁଦ୍ ବ୍ୟତୀତ ସେ ଚାଶତ୍ ସମୟର ନମାଜ଼ର ମଧ୍ୟ ବ୍ୟବସ୍ଥା କରୁଥିଲେ । ସେହିପରି ସେ ପ୍ରତ୍ୟେକ ସୋମବାର ଏବଂ ଗୁରୁବାରରେ ସେ ନଫଲି ରୋଜ଼ା ରଖୁଥିଲେ । ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ,ଯେତେବେଳେ ତେହଜ୍ଜୁଦ୍ ନମାଜ଼ ପାଠ ପାଇଁ ଶରୀର ଦୁର୍ବଳ ଲାଗୁଥିଲା ସେତେବେଳେ ମୁଁ କମ୍ ନଫଲି ରୋଜ଼ା ରଖୁଥିଲି । ଏକଦା ରସୁଲୁଲ୍ଲାଃ ସ.ଅ ଇବ୍ନେ ମସଉଦ୍ ର.ଅଙ୍କୁ ଭାଷଣ ଦେବା ପାଇଁ ଆଦେଶ ଦେଲେ ସେତେବେଳେ ସେ ଅଲ୍ଲାଃତାଲଙ୍କର ପ୍ରଶଂସାକରି ମାତ୍ର ଏତିକି କହିଲେ ଯେ,ହେ ମନୁଷ୍ୟମାନେ ! ଅଲ୍ଲାଃତାଲା ଆମର ଭଗବାନ୍ ଅଟନ୍ତି ଏବଂ କୁରାନ୍ ଆମର ପଥପ୍ରଦର୍ଶକ,ବୈତୁଲ୍ଲାଃ ଆମର କିବଲା ଏବଂ ମହମ୍ମଦ୍ ସ.ଅ ଆମର ନବି ଅଟନ୍ତି । ପ୍ରତ୍ୟୁତ୍ତରରେ ଆଁହୁଜୁର୍ ସ.ଅ କହିଲେ ଯେ, ଇବ୍ନେ ମସଉଦ୍ ର.ଅ ସଠିକ୍ କହିଛନ୍ତି ଏବଂ ମୋତେ ମଧ୍ୟ ନିଜ ଉମ୍ମତ୍ ପାଇଁ ତାହା ପ୍ରିୟ ଲାଗେ ଯାହା ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ ର.ଅଙ୍କୁ ପ୍ରୀତିକର ଲାଗେ । ଯେତେବେଳେ ହଜ଼ରତ୍ ଅଲୀ ର.ଅ କୁଫାକୁ ଆଗମନ କଲେ ସେତେବେଳେ ହଜ଼ରତ ଅଲୀ ର.ଅଙ୍କ ସଭାରେ ଇବ୍ନେ ମସଉଦ୍ ର.ଅ ଚର୍ଚ୍ଚା ହେଲା ଏବଂ ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ମଧ୍ୟ କିଛିକାଳ କୁଫାରେ ଅତିବାହିତ କରିଥିଲେ । ତେଣୁ ଲୋକମାନେ ତାଙ୍କର ପ୍ରଶଂସା କରି କହିଲେ ଯେ,ହେ ଅମିରୁଲ୍ ମୁମେନିନ୍ ! ଆମେମାନେ ଇବ୍ନେ ମସଉଦ୍ ର.ଅଙ୍କ ବ୍ୟତୀତ ସର୍ବୋତ୍କୃଷ୍ଟ ଚରିତ୍ର ସଂମ୍ପନ୍ନ ବ୍ୟକ୍ତି ଓ ବିନମ୍ର ଏବଂ ଦୟାଶୀଳ ହୋଇ ଶିକ୍ଷା ପ୍ରଦାନକାରୀ ବ୍ୟକ୍ତି ଏବଂ ସର୍ବୋତ୍କୃଷ୍ଟ ସତସଙ୍ଗଙ୍କର ଅନୁଗାମୀ ଏବଂ ସର୍ବୋତ୍କୃଷ୍ଟ ସଭାପତିତ୍ୱକାରୀ ଏବଂ ଇଶ୍ୱରଙ୍କୁ ଅଧିକ ଭୟକରୁଥିବା ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିକୁ ଦେଖି ନାହୁଁ । ପ୍ରତ୍ୟୁତ୍ତରରେ ହଜ଼ରତ୍ ଅଲୀ ର.ଅ କହିଲେ ଯେ,ମୁଁ ମଧ୍ୟ ଇବ୍ନେ ମସଉଦ୍ ର.ଅଙ୍କ ପ୍ରତି କେବଳ ଏତିକି ମାତ୍ର ଆଶାପୋଷଣ କରେ ନାହିଁ ବରଂ ଏହାଠାରୁ ଅଧିକ ଉତ୍ତମ ଆଶାପୋଷଣ କରେ । ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ନିଜର ଧର୍ମୀୟ ଭାଇ ଜ୍ରୁବୈର୍ ବିନ୍ ଅଲ୍-ଅୱାମଙ୍କ ମଧ୍ୟରେ ନବି କରିମ୍ ସ.ଅଙ୍କ ଦ୍ୱାରା ସ୍ଥାପନ ହୋଇଥିବା ମୈତ୍ରିକ ଓ ଭ୍ରାତୃତ୍ୱ ସଂପର୍କକୁ ହଜ଼ରତ୍ ଇବ୍ନେ ମସଉଦ୍ ସହୃଦୟ ହୋଇ କର୍ତ୍ତବ୍ୟ ପାଳନ କରିଥିଲେ । ସୁତରାଂ ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ହଜ଼ରତ୍ ଜ୍ରୁବୈର୍ ବିନ୍ ଅଲ୍-ଅୱାମଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ କରି ଏହି ଇଚ୍ଛାପତ୍ରଟି କରିଥିଲେ ଯ,ମୋର ସମସ୍ତ ଆର୍ଥନୀତିକ ସମ୍ବନ୍ଧୀୟ ବିଷୟର ଦେଖଶୁଣା ଏବଂ ବଂଶ ସମ୍ବନ୍ଧୀୟ କଥାଗୁଡ଼ିକର ସମ୍ପୂର୍ଣ୍ଣ ବିଚାର ଏବଂ କାନୁନ୍ ଲାଗୁ କରିବାର ଅଧିକାର କେବଳ ହଜ଼ରତ୍ ଜ୍ରୁବୈର୍ ବିନ ଅଲ-ଅୱାମ୍ ର.ଅ ଏବଂ ତାଙ୍କ ସୁପୁତ୍ର ଅବ୍ଦୁଲ୍ଲା ବିନ୍ ଜ୍ରୁବୈରଙ୍କ ହାତରେ ରହିବ । ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅଙ୍କ ଆଁହଜ଼ରତ୍ ସ.ଅଙ୍କ ଆଜ୍ଞାନୁବର୍ତ୍ତୀତା ସମ୍ପର୍କରେ ହଜ଼ରତ୍ ଖଲିଫତୁଲ୍ ମସିଃ ଉସ୍ ସାନି ର.ଅ ଏକ ସ୍ଥାନରେ ଏହା ବର୍ଣ୍ଣନା କରନ୍ତି ଯ,ହଦିସ୍ ପୁସ୍ତକମାନଙ୍କରେ ଏକ ଘଟଣାବଳୀ ସଂପର୍କରେ ଏହା ଉଲ୍ଲେଖ ଥିବାର ଦେଖାଯାଏ ଯେ,ଏକଦା ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସଭା ଅଭିମୁଖେ ବାହାରିଥିଲେ ସେତେବେଳେ ସେ ଏକ ଗଳି ପାଖରେ ପହଞ୍ଚିଥିଲେ କି ହଠାତ୍ ତାଙ୍କ କାନରେ ଆଁହଜ଼ରତ୍ ସ.ଅଙ୍କର କଥା ବା ଆବାଜ୍ ଶୁଭିଥିଲା ଯେ, ବସିଯାଅ ! ଯେତେବେଳେ ଇବ୍ନେ ମସଉଦ୍ ର.ଅ ରସୁଲେ କରିମ୍ ସ.ଅଙ୍କର ଏହି କଥା ବା ଆବାଜ୍ ଶୁଣିଲେ ସେତେବେଳେ ସେ ସେହି ଗଳିରେ ହିଁ ବସିପଡ଼ିଲେ । ଯେପରି ଛୋଟପିଲା ପରି ଘୁଷୁରି ହୋଇ ବା ଗୁରୁଣ୍ଡି ଗୁରୁଣ୍ଡି ଯାଆନ୍ତି ସେହିପରି ଅବସ୍ଥାରେ ହିଁ ମସଜିଦରେ ପହଞ୍ଚିଲେ । ଏକ ଅଜ୍ଞାତ ବ୍ୟକ୍ତି ଜଣକ ଯିଏକି ଏହି ଭେଦରୁ ସଂପୂର୍ଣ୍ଣ ଅଜ୍ଞ ଥିଲା ଯେ, ଆଜ୍ଞାନୁବର୍ତ୍ତୀତା ତଥା ଆଜ୍ଞାପାଳନର ଏପରି ମନୋଭାବ ହିଁ ସଂସାରରେ ଜାତିକୁ କିପରିଭାବେ ସାଫଲ୍ୟମଣ୍ଡିତ କରି ଆଗେଇ ନେଇଥାଏ । ଯେତେବେଳେ ସେହି ବ୍ୟକ୍ତି ଜଣକ ହଜ଼ରତ୍ ଇବ୍ନେ ମସଉଦ୍ ର.ଅଙ୍କୁ ଏପରି ଚାଲୁଥିବାର ଦେଖିଲା ସେତେବେଳେ ସେ ଆପତ୍ତି କଲା ଯେ,ଆପଣ ଏମିତି କ'ଣ ବୋକାମିର କାମ କରୁଛନ୍ତି ? ଯେ, ରସୁଲୁଲ୍ଲାଃ ସ.ଅଙ୍କର ତ କେବଳ ଏହି ଅଭିପ୍ରାୟଟି ଥିଲା ଯେ,ମସଜିଦର କଡ଼ରେ ଯେଉଁ ଲୋକମାନେ ଛିଡ଼ା ହୋଇ ରହିଛନ୍ତି । କେବଳ ସେମାନେ ହିଁ ବସି ଯାଆନ୍ତୁ ହେଲେ ଆପଣ ତ'

ସେତେବେଳେ ଗଳିରେ ହିଁ ବସି ପଡ଼ିଲେ ଏବଂ ପିଲାଙ୍କ ପରି ଗରୁଣ୍ଡି ଗୁରୁଣ୍ଡି ମସଜିଦକୁ ଆସିଛନ୍ତି । ଆପଣଙ୍କ ପାଇଁ ଏହା ଉଚିତ୍ ଥିଲା ଯେ,ଆପଣ ସର୍ବପ୍ରଥମେ ମସଜିଦରେ ପହଞ୍ଚି ତା ପରେ ଯାଇ ବସିଥାଆନ୍ତେ । ଗଳିରେ ବସିବାର କ'ଣ ବା ଆବଶ୍ୟକତା ରହିଛି ? ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ଉତ୍ତର ଦେଲେ ଯେ,ହଁ ! ଏପରି ହୋଇପାରିଥାଆନ୍ତା କିନ୍ତୁ ଯଦି ମୁଁ ମସଜିଦ୍ ପହଞ୍ଚିବା ପୂର୍ବରୁ ହିଁ ମରି ଯାଇଥାଆନ୍ତି । ତେବେ ମୁଁ ରସୁଲୁଲ୍ଲା ସ.ଅଙ୍କର ଏହି ଆଦେଶକୁ ନ ମାନି ଅବଜ୍ଞାକାରୀ ବୋଲି ସାବ୍ୟସ୍ତ ହୋଇଥାଆନ୍ତି ଏବଂ ହୁଜୁର୍ସ.ଅଙ୍କ ସର୍ବନିମ୍ନ ଆଦେଶଟିକୁ ନ ମାନି ବଞ୍ଚିତ ହୋଇ ରହି ଯାଇଥାଆନ୍ତି ତେବେ ଅନୁସୋଚନ ବା ଅନୁତପ୍ତ ହୋଇଥାଆନ୍ତି ଯେ, ମୁଁ କାହିଁକି ଆଁହୁଜୁର୍ ସ.ଅଙ୍କର ଆଦେଶକୁ ସ୍ୱୀକାର କଲି ନାହିଁ ବା ତାଙ୍କର ଆଜ୍ଞା ପାଳନ୍ କଲି ନାହିଁ । ହଜ଼ରତ୍ ମୁସ୍ଲେଃ ମଉଦ୍ ର.ଅ ଅଧିକ ଉଲ୍ଲେଖ କରି କହନ୍ତି ଯେ,ସେହି ଘଟଣାଟି ଅବ୍ଦୁଲ୍ଲା ବିନ ମସଉଦଙ୍କ ସଂପର୍କରେ ହିଁ ଅଟେ ଯେ,ହଜ଼ରତ୍ ଉସ୍ମାନ୍ ର.ଅ ନିଜ ଖିଲାଫତ୍ କାଳରେ ଏକଦା ହଜ୍ ଦିନରେ ମକ୍କା ମୁକର୍‌ରମା ଠାରେ ଚାରି ରେକାତ୍ ନମାଜ଼ ପଢିଥିଲେ ଏବଂ ଯେତେବେଳେ ହଜ୍ ପାଇଁ ରସୁଲୁଲ୍ଲାଃ ସ.ଅଙ୍କର ଆଗମନ ହୋଇଥିଲା ସେତେବେଳେ ରସୁଲୁଲ୍ଲାଃ ସ.ଅ ସେଠାରେ କେବଳ ଦୁଇ ରେକାତ୍ ନମାଜ଼ ହିଁ ପଢ଼ିଥିଲେ । କାରଣ ପଥିକ ବା ଯାତ୍ରୀକୁ କେବଳ ଦୁଇ ରେକାତ୍ନ ନମାଜ୍ ପଢିବା ପାଇଁ ହିଁ ଆଦେଶ ରହିଛି । ଏହି କଥାକୁ କେନ୍ଦ୍ରକରି ଏକ ବିଦ୍ରୋହ ସୃଷ୍ଟି ହୋଇଗଲା ଯେ,ହଜ଼ରତ୍ ଉସ୍ମାନ୍ ର.ଅ ଆଁହଜ଼ରତ୍ ସ.ଙ୍କର ସୁନ୍ନତକୁ ବଦଳାଇ ଦେଇଛନ୍ତି । ସୁତରାଂ ଲୋକମାନେ ହଜ଼ରତ୍ ଉସ୍ମାନ୍ ର.ଙ୍କ ନିକଟକୁ ଆସିଲେ ଏବଂ ପ୍ରଶ୍ନ କଲେ ଯେ,ଆପଣ କହିଁକି ଚାରି ରେକାତ୍ ନମାଜ଼ ପଢେଇଲେ ? ହଜ଼ରତ୍ ଉସ୍ମାନ୍ ର.ଅ ଉତ୍ତର ରଖିଲେ ଯେ,ପ୍ରକୃତ କଥାଟି ହେଉଛି ଯେ,ମୁଁ ଏକ ଇଜତେହାଦ୍ (ଅର୍ଥାତ୍ ଯେଉଁଠି କୁରାନ୍ ଏବଂ ହଦିସର ଖୋଲାଖୋଲି ଆଦେଶ ନଥାଏ ବା ହଦିସ ଏବଂ କୁରାନରୁ କୌଣସି ତଥ୍ୟ ମିଳି ନଥାଏ ସେଠାରେ ନିଜର ମତକୁ ସାବ୍ୟସ୍ତ କରି ଏବଂ ବୁଦ୍ଧି ବିବେକକୁ ଖଟାଇ ଅନ୍ୟ ଉପାୟ ବା ବାଟ ବାହାର କରିବାକୁ ଇଜତେହାଦ୍ କହନ୍ତି ) କଲି ଏବଂ ତାହାହେଉଛି ଯେ,ବର୍ତ୍ତମାନ ଅନତି ଦୂରରେ ଥିବେ ଲୋକମାନେ ମଧ୍ୟ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଯାଇଛନ୍ତି ଏବଂ ଦୂରଦୂରାନ୍ତରୁ ଲୋକମାନେ ହଜ୍ କରିବା ପାଇଁ ଆସିବାକୁ ଲାଗିଲେଣି । ବର୍ତ୍ତମାନ୍ ସେମାନଙ୍କୁ ଇସଲାମୀୟ ସମସ୍ୟା ସଂପର୍କରେ ସେତେଟା ଜଣା ନାହିଁ ବା ଅବଗତ ନୁହଁନ୍ତି ଯେତେ ପୂର୍ବ ମୁସଲମାନମାନଙ୍କୁ ଜଣା ଥିଲା । ବର୍ତ୍ତମାନେ ସେମାନେ କେବଳ ଆମର କାର୍ଯ୍ୟସମୂହ ଉପରେ ନଜର ରଖି ତଦନୁଯାୟୀ ଅନୁକରଣ କରୁଛନ୍ତି । ସେମାନେ ଏହା ଦେଖନ୍ତି ଯେ,ଆମେ କ'ଣ କରୁଛୁ ? ଅର୍ଥାତ୍ ଆମେ ପୁରାତନ ମୁସଲମାନମାନେ ଏବଂ ସେମାନେ ଆମକୁ ଯେଉଁଭଳି ପରିସ୍ଥିତିରେ କାମ କରୁଥିବାର ଦେଖନ୍ତି ସେହି ଢଙ୍ଗରେ ହିଁ ସେମାନେ ନିଜେ ତାହାର ଅନୁକରଣ କରିବାକୁ ଲାଗପଡ଼ନ୍ତି ଏବଂ କହନ୍ତି ଯେ,ଏହା ହିଁ ଇସଲାମର ଆଦେଶ ଅଟେ । ଏହାର କାରଣ ହେଲା ଯେ, ସେହି ନବାଗତ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିବା ମୁସଲମାନମାନେ ମଦିନାକୁ ଖୁବ୍ କମ ଥର ପାଇଁ ଆସିଥାଆନ୍ତି ଏବଂ ସେମାନଙ୍କୁ ସେଠାରେ ରହି ଆମର ନମାଜ଼କୁ ଅବଲୋକନ କରିବାର ବହୁତ କମ୍ ସୁଯୋଗ ପ୍ରାପ୍ତ ହୋଇଥାଏ । ସେଇଥିପାଇଁ ମୁଁ ଏହା ଉଚିତ୍ ବୋଲି ମନେକଲି ଯେ,ବର୍ତ୍ତମାନ ହଜ୍ ସମୟରେ ଯଦି ସେମାନେ ମୋତେ ଦୁଇ ରେକାତ୍ ନମାଜ଼ ପଢୁଥିବାର ଦେଖନ୍ତି, କ୍ସର୍ କରୁଥିବାର ଦେଖନ୍ତି । ତେବେ ସେମାନେ ନିଜ ଅଞ୍ଚଳକୁ ଫେରିବା ମାତ୍ରେ ଏହା କହିବାକୁ ଲାଗବେ ଯେ,ଆମେମାନେ ତ' ଉପସ୍ଥିତ ଖଲିଫାଙ୍କୁ ଏପରି କରୁଥିବାର ଦେଖିଅଛୁ । ତେଣୁ ଇସଲମାରେ ଏହା ହିଁ ପ୍ରକୃତ ଆଦେଶ ରହିଅଛି ଯେ,କେବଳ ଦୁଇ ରେକାତ୍ ନମାଜ୍ ହିଁ ପାଠ କରାଯାଉ । କିନ୍ତୁ ପ୍ରକୃତ ପକ୍ଷରେ କହିବାକୁ ଗଲେ ଯେ, ଲୋକମାନେ ଏହି କଥାରୁ ସମ୍ପୂର୍ଣ୍ଣରୂପେ ଅବିଜ୍ଞ ଥିବେ ଯେ,ଦୁଇ ରେକତ୍ ନମାଜ୍ ଯାତ୍ରା ଯୋଗୁଁ ହିଁ ପଢା ଯାଇଛି । ସେଇଥିପାଇଁ ଇସଲାମରେ ଫାଟ ସୃଷ୍ଟି ହୋଇଯିବ ଏବଂ ଲୋକମାନଙ୍କ ଇମାନରେ ହାନୀ ଘଟିବ । ତେଣୁ ମୁଁ ଏହା ଉଚିତ୍ ବୋଲି ମନେକଲି ଯେ,ସେହି ନବାଗତ ମୁସଲମାନମାନଙ୍କୁ ଚାରି ରେକାତ୍ ନମାଜ଼ ପଢେଇଦେବି । ସେମାନେ ଯେପରି ଚାରି ରେକାତ୍ ନମାଜ଼କୁ ଭୁଲି ନ ଯାଆନ୍ତୁ ଏବଂ ଅନ୍ୟ କଥାଟି ହେଲା ଯେ,ମୋ ପାଇଁ ଚାରି ରେକାତ୍ ନମାଜ୍ ପଢିବା କିପିରି ଉଚିତ୍ ବୋଲି ମନେ ହେଲା ? ସୁତରାଂ ଏହାର ଉତ୍ତର ହେଲା ଯେ,ମୁଁ ଏଠାରେ ବିବାହ ହୋଇଅଛି । କାରଣ ସ୍ତ୍ରୀର ମାତୃଭୂମି ମଧ୍ୟ ସ୍ୱାମୀର ମାତୃଭୂମି ହୋଇଥାଏ । ସେଇଥିପାଇଁ ମୁଁ ଏହା ଉଚିତ୍ ବୋଲି ମନେକରୁଛି ଯେ,ମୁଁ ପଥିକ ବା ଯାତ୍ରୀ ନୁହେଁ ବରଂ ମୁଁ ମୁକିମ୍ (ନିବାସୀ ବା ନାଗରିକ) ଅଟେ । ତେଣୁ ମୋ ନିମନ୍ତେ ସଂପୂର୍ଣ୍ଣ ନମାଜ଼ ପଢିବା ଅନିର୍ବାର୍ଯ୍ୟ ଅଟେ । ସୁତରାଂ ହଜ଼ରତ୍ ଉସ୍ମାନ୍ ର.ଅ ଚାରି ରେକାତ୍ ନମାଜ଼ ପଢିବାର ଏହି କାରଣଟି ଦର୍ଶାଇ ଏହାର ଉଦ୍ଦେଶ୍ୟକୁ ସ୍ପଷ୍ଟ କଲେ ଯେ,ବାହରୁ ଆସିଥିବା ଲୋକମାନଙ୍କୁ ଯେପରି ଧୋକା ନ ଲାଗୁ ବା ସେମାନଙ୍କୁ ଇସଲାମର ସଠିକ୍ ତଥା ଉଚିତ୍ ଶିକ୍ଷାକୁ ବୁଝିବାରେ ଯେପରି ବିଚ୍ୟୁତି ନ ଘଟୁ । ତେଣୁ ହ଼ରତ୍ ଉସ୍ମାନ୍ ର.ଅଙ୍କର ଏହି କଥାଟି ଅତ୍ୟନ୍ତ କୋମଳ ଓ ସୌମ୍ୟ ଥିଲା । ଯେତେବେଳେ ସାହାବାମାନେ ଏପରି କଥା ଶୁଣିବାକୁ ପାଇଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଅନେକ ଲୋକମାନେ ସେହି କଥାକୁ ବୁଝି ପାରିଲେ ଏବଂ ଯେଉଁମାନେ ବୁଝି ପାରିଲେ ନାହିଁ ସେମାନେ ନୀରବ ରହିଲେ । ହେଲେ ଅନ୍ୟ ଲୋକମାନେ ଯେଉଁମାନେ ଉପଦ୍ରବକାରୀ ଥିଲେ ସେମାନେ ଏହା ମିଥ୍ୟା ପ୍ରଚାର ଏବଂ ବିଦ୍ରୋହ ସୃଷ୍ଟି କଲେ , ଏବଂ ଏହି ଉପଦ୍ରବ ସୃଷ୍ଟିକାରୀମାନେ ବିଦ୍ରୋହ ସୃଷ୍ଟିକାରୀ ବ୍ୟକ୍ତି ଥିଲେ । କେତେକ ଲୋକ ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅଙ୍କ ନିକଟରେ ଉପସ୍ଥିତ ହୋଇ କହିବାକୁ ଲାଗିଲେ ଯେ,ଆପଣ ଦେଖିଲେ ଟି ଆଜି କ'ଣ ଘଟିଛି ? ରସୁଲୁଲ୍ଲାଃ ସ.ଅ କ'ଣ କରିଥିଲେ ଏବଂ ହଜ଼ରତ୍ ଉସ୍ମାନ୍ ର.ଅ କ'ଣ କଲେ ? ରସୁଲୁଲ୍ଲାଃ ସ.ଅ ତ' ହଜ୍ ଦିନରେ ମକ୍କାକୁ ଆସି କେବଳ ଦୁଇ ରେକାତ୍ ନମାଜ଼ ପଢାଉଥିଲେ । କିନ୍ତୁ ଉସ୍ମାନ୍ ର.ଅ ତ' ଚାରି ରେକାତ୍ ନମାଜ଼ ପଢେଇଲେ ? ହଜ଼ରତ୍ ଅବଦୁଲ୍ଲା ଇବ୍ନେ ମସଉଦ୍ ଏହା ଶୁଣି ଉତ୍ତର ଦେଲେ ଯେ, ଆଚ୍ଛା ଦେଖନ୍ତୁ ଯେ, ଆମର ଏହା କାମ ନୁହେଁ ଯେ, ଆମେମାନେ ଉପଦ୍ରବ ସୃଷ୍ଟି କରି ଘୂରି ବୁଲିବୁ । କାରଣ ଖଲିଫାଏ ୱକ୍ତ୍ କୌଣସି ଯୁକ୍ତି ବା କୂଟନୀତିକ କଥାକୁ ଆଖି ଆଗରେ ରଖି ଏଭଳି ପଦକ୍ଷେପ ନେଇଛନ୍ତି ଏବଂ ଏଭଳି କୌଣସି ଯୁକ୍ତି ବା କୂଟନୀତିକ କଥା ରହିଛି ଯାହା ଆମେ ବୁଝିପାରି ନାହୁଁ । ତେଣୁ ତୁମେ ଆଦୌ ଉପଦ୍ରବ ସୃଷ୍ଟି କର ନାହିଁ । ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ କହିଲେ ଯେ,ମୁଁ ମଧ୍ୟ ତାଙ୍କ ଇକ୍‌ତେଦାରେ (ଅନୁକରଣରେ) ଚାରି ରେକାତ୍ ନମାଜ୍ ହିଁ ପଢିଅଛି । କିନ୍ତୁ ନମାଜ଼ ପରେ ମୁଁ ହାତ ଉଠେଇ ଅଲ୍ଲାଃଙ୍କୁ ପ୍ରାର୍ଥନା କରିଅଛି ଯେ,ହେ ଇଶ୍ୱର ! ଆପଣ ଏହି ଚାରି ରେକାତରୁ ମୋର କେବଳ ପ୍ରଥମ ଦୁଇ ରେକତାକୁ ହିଁ ସ୍ୱୀକାର କରନ୍ତୁ । ଯେଉଁ

ନମାଜ୍ ଆମେ ରସୁଲୁଲ୍ଲାଃ ସ.ଅ ସମୟରେ ତାଙ୍କ ପଛରେ ପଢୁଥିଲୁ ଏବଂ ଶେଷ ଦୁଇ ରେକାତକୁ ମୋର ନମାଜ୍ ଯେପରି ମନେ ନକରନ୍ତୁ ! ହଜରତ୍ ମୁସ୍ଲେଃ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ,ଏହା କେଉଁ ପ୍ରକାରର ପ୍ରେମର ରଙ୍ଗ ଥିଲା ଯାହା ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅଙ୍କ ମଧ୍ୟରେ ଦେଖିବାକୁ ମିଳୁଥିଲା ଯେ,ସେ ଚାରି ରେକାତ୍ ତ' ପଢିନେଲେ କିନ୍ତୁ ତାଙ୍କୁ ସେହି ପୂର୍ଣ୍ଣ୍ୟଟି ପସନ୍ଦ ଆସିଲା ନାହିଁ ବା ଭଲ ଲାଗିଲା ନାହିଁ । ଯାହା ଆଁହଜରତ୍ ସ.ଅଙ୍କ ଦୁଇ ରେକାତ୍ ଠାରୁ ଅଧିକ ଥିଲା । ସେ ଏହା ପ୍ରାର୍ଥନା କଲେ ଯେ,ହେ ଈଶ୍ୱର ମୋର କେବଳ ଦୁଇ ରେକାତ୍ ନମାଜକୁ ହିଁ ସ୍ୱୀକାର କର ! ଚାରି ରେକତକୁ ନୁହେଁ । ପୁନଶ୍ଚ ହଜରତ୍ ମୁସ୍ଲେଃ ମଉଦ୍ ର.ଅ ଉଲ୍ଲେଖ କରନ୍ତି ଯେ,ଏହି ଚାରି ରେକାତରେ ଖିଲାଫତ୍ ପ୍ରତି ତାଙ୍କର କେତେ ଅନୁରକ୍ତି ଓ ଆଜ୍ଞାନୁବର୍ତ୍ତୀତା ରହିଛି ତାହାର ଉଦାହରଣ ଦେଖିବାକୁ ମିଳିଥାଏ । ଇବ୍ନେ ମସଉଦ୍ ର.ଅଙ୍କୁ ଜଣା ନଥିଲା ଯେ,ହଜରତ ଉସ୍ମାନ୍ ର.ଅ କେଉଁ କାରଣ ଯୋଗୁଁ ଦୁଇ ରେକାତ୍ ବଦଳରେ ଚାରି ରେକାତ୍ ନମାଜ୍ ପଢେଇଛନ୍ତି । ସେ ଯାହାହେଉ ନା କାହିଁକି ଉବ୍ନେ ମସଉଦ୍ ର.ଅ ଖିଲାଫତର ଆଜ୍ଞା ପାଳନ କରିଥିଲେ । ସୁତାରାଂ ଏହା ପଛରେ ଏହି କାରଣଟି ନିହିତ ଥିଲା ଯେ,ସାହାବମାନେ ସଂପୂର୍ଣ୍ଣରୂପେ ଅପାଠୁଆ ହୋଇ ମଧ୍ୟ ସମଗ୍ର ବିଶ୍ୱରେ କିପରିଭାବରେ ଏହି ସାହାବାମାନେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଏକଦା ହଜରତ୍ ଉମର୍ ର.ଅଙ୍କର ରାତ୍ରବେଳା ଏକ ଯାତ୍ରୀସମୂହ ସହିତ ଦେଖା ହେଲା ଏବଂ ଘନ ଅନ୍ଧକାର ଯୋଗୁଁ ଯାତ୍ରୀସମୂହଙ୍କୁ ଦେଖିବା ସମ୍ଭବପର ନଥିଲା । ସେହି ଯାତ୍ରୀସମୂହରେ ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ମଧ୍ୟ ଉପସ୍ଥିତ ଥିଲେ । ହଜରତ୍ ଉମର୍ ର.ଅ ଜଣେ ବ୍ୟକ୍ତିକୁ ଯାତ୍ରୀସମୂହ ପାଖକୁ କଥା ପଚାରିବା ପାଇଁ ପ୍ରେରଣ କଲେ ଯେ,ସେହି ଯାତ୍ରୀସମୂହମାନେ କେଉଁଠାରୁ ଆସିଛନ୍ତି ? ସେହି ବ୍ୟକ୍ତିର ଜିଜ୍ଞାସାମୂଳକ ପ୍ରଶ୍ନ ପଚାରିବାରୁ ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ଏହା ଉତ୍ତର ଦେଲେ ଯେ,**فَجٌّ الْعَمِيْقِ** ଅର୍ଥାତ୍ ବହୁ ଦୂର ପଥ ଦେଇ ଆସିଛୁ । ପୁନଶ୍ଚ ସେହି ଯାତ୍ରୀସମୂହକୁ ପଚରା ଗଲା ଯେ,କୁଆଡ଼କୁ ଯାଉଛନ୍ତି । ତେବେ ସେମାନେ ଉତ୍ତର ଦେଲେ ଯେ, **بَيْتِ الْعَتِيْقِ** ଅର୍ଥାତ୍ ଖାନା କାଆବା ଅଭିମୁଖେ ଯାଉଅଛୁ । ହଜରତ ଉମର୍ ର.ଅ ନିଜର ବାର୍ତ୍ତାବହନକାରୀକୁ ପଚାରିଲେ ଯେ,କ'ଣ ସେମାନଙ୍କ ମଧ୍ୟରେ କେହି ଶିକ୍ଷିତ ବିଦ୍ୱାନ୍ ବ୍ୟକ୍ତି ଅଛନ୍ତି କି ? ସୁତରାଂ ଉମର୍ ର.ଅ ଜଣେ ବ୍ୟକ୍ତିକୁ ଆଦେଶ ଦେଇ କହିଲେ ଯେ,ଯାଅ ସେମାନଙ୍କୁ ଯାଇ ପଚାର ଯେ,କୁରାନେ କରିମର ସର୍ବ ବୃହତ୍ ଆୟତ୍ କେଉଁଟି ଅଟେ ବା କ'ଣ ? ତେବେ ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ଉତ୍ତର ଦେଲେ ଯେ, **(91:سورة النّحل) اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَاِيْتَآئِ ذِي الْقُرْبٰى** **ଅର୍ଥାତ୍ ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଗ୍ଭର କରିବାକୁ ତଥା (ଅନ୍ୟର) ହିତ ସାଧନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ (ଅନ୍ୟମାନଙ୍କୁ ସାହାଯ୍ୟ) କରିବାକୁ ଆଦେଶ ଦେଉଛନ୍ତ ।** ହଜରତ୍ ଉମର୍ ର.ଅ ପ୍ରଶ୍ନ କଲେ ଯେ,କୁରାନେ କରିମର ସବୁଠୁ ସମ୍ପୂର୍ଣ୍ଣ ତଥା ସର୍ବବ୍ୟାପକ ଆୟତ କ'ଣ ? ତେବେ ପ୍ରତ୍ୟୁତ୍ତରରେ ହଜରତ୍ ଇବ୍ନେ ମସଉଦ୍ ର.ଅ କହିଲେ ଯେ,

**فَمَنْ يَّعْمَلْ مِثْقَالَ ذَرَّةٍ خَيْرًا يَّرَهٗ ○ وَمَنْ يَّعْمَلْ مِثْقَالَ ذَرَّةٍ شَرًّا يَّرَهٗ ଅର୍ଥାତ୍ ତା ପରେ ଯେ ଅଣୁ ପରମାଣର ପୁଣ୍ୟ କରିଥିବ ସେ ତାହାକୁ (ଅର୍ଥାତ୍ ତାହାର ପରମାଣକୁ) ଦେଖିବ ○ ଏବଂ ଯେ ଅଣୁ ପରମାଣର ପାପ କରିଥିବ ସେ ତାହାକୁ (ଅର୍ଥାତ୍ ତାହାର ପରମାଣକୁ) ଦେଖିବ।** ପୁନଶ୍ଚ ପଚାରିଲେ ଯେ,କୁରାନେ କରିମର କେଉଁ ଆୟତଟି ସବୁଠାରୁ ଭୟାନକ ଅଟେ ? ପ୍ରତ୍ୟୁତ୍ତରରେ ଇବ୍ନେ ମସଉଦ୍ ର.ଅ କହିଲେ ଯେ,**(124:سورة النِّساء) لَيْسَ بِاَمَانِيِّكُمْ وَلَاۤ اَمَانِيِّ اَهْلِ الْكِتٰبِ ؕ مَنْ يَّعْمَلْ سُوْٓءًا يُّجْزَ بِهٖ ۙ وَلَا يَجِدْ لَهٗ مِنْ دُوْنِ اللّٰهِ وَلِيًّا وَّلَا نَصِيْرًا** **ଅର୍ଥାତ୍ ଏହା ତୁମମାନଙ୍କ ଇଚ୍ଛାନୁସାରେ ହେବ ନାହିଁ, ବରଂ ଯେଉଁ ବ୍ୟକ୍ତି ଅସତ୍ କାର୍ଯ୍ୟ କରିବ, ତାହାକୁ ତଦନୁସାରେ ପୁରସ୍କାର ମିଳିବ; ଏବଂ ସେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାକୁ (ନିଜର) ବନ୍ଧୁ ବା ସାହାଯ୍ୟକାରୀ ପାଇବ ନାହିଁ।** ହଜରତ୍ ଉମର୍ ର.ଅ କହିଲେ ଯେ, ଇବ୍ନେ ମସଉଦ ର.ଅଙ୍କୁ ପଚାର ଯେ,କୁରାନେ କରିମର ସବୁଠାରୁ ଉତ୍କଣ୍ଠାପୂର୍ଣ୍ଣ ବା ଆଶା ବର୍ଦ୍ଧିତକାରୀ ଆୟତ୍ କେଉଁଟି ଅଟେ ? ହଜରତ୍ ଇବ୍ନେ ମସଉଦ୍ ର.ଅ ଉତ୍ତର ଦେଲେ ଯେ,

**(54:سورة الزُّمَر) قُلْ يٰعِبَادِيَ الَّذِيْنَ اَسْرَفُوْا عَلٰۤى اَنْفُسِهِمْ لَا تَقْنَطُوْا مِنْ رَّحْمَةِ اللّٰهِ ؕ اِنَّ اللّٰهَ يَغْفِرُ الذُّنُوْبَ جَمِيْعًا ؕ اِنَّهٗ هُوَ الْغَفُوْرُ الرَّحِيْمُ ଅର୍ଥାତ୍ ତୁମ୍ଭେ (ଆମ୍ଭ ତରଫରୁ ସେମାନଙ୍କୁ) କୁହ,"ହେ ଆମ୍ଭର ଭକ୍ତମାନେ ! ଯେଉଁମାନେ ନିଜ ପ୍ରତି (ପାପ କରି) ଅତ୍ୟାଚର କରିଛନ୍ତି, ସେମାନେ ଅଲ୍ଲାଃଙ୍କ କରୁଣାରୁ ନିରାଶ ହୁଅନ୍ତୁ ନାହିଁ ; ଅଲ୍ଲାଃ ସକଳ ପାପକୁ କ୍ଷମା କରିଥା'ନ୍ତି ; ସେହିଁ କ୍ଷମାଶୀଳ ଓ ସଦା କରୁଣାମୟ। "**
ସୁତରାଂ ହଜରତ୍ ଉମର୍ ର.ଅ ଏହି ସମସ୍ତ କଥା ଶୁଣିବା ପରେ କହିଲେ ଯେ,ସେମାନଙ୍କୁ ଯାଇ ପଚାର ଯେ,କ'ଣ ସେମାନଙ୍କ ମଧ୍ୟରେ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ବିରାଜିତ ବା ଉପସ୍ଥିତ ଅଛନ୍ତି କି ? ଯାତ୍ରୀସମୂହର ଲୋକମାନେ କହିଲେ କାହିଁକି ନୁହେଁ । ହଁ ! ଆମେ ଈଶ୍ୱରଙ୍କ ଶପଥ କରି କହୁଛୁ ଯେ,ଆମମାନଙ୍କ ମଧ୍ୟରେ ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ଉପସ୍ଥିତ ଅଛନ୍ତି । ହଜରତ୍ ଉମର୍ ର.ଅ ଏହି କଥା ଶୁଣି କହିଲେ ଯେ,ଆପଣ ଫିକ୍କାର ଜଣେ ବିଶାରଦ ଅଟନ୍ତି ଏବଂ ଏହି ଜ୍ଞାନରେ ପରିପୂର୍ଣ୍ଣ ଏବଂ ନିପୁଣ । ହୁଜୁରେ ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବେନସ୍ରେହିଲ୍ ଅଜିଜ୍ କହିଲେ : ହଜରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ କେବଳ ଗୁରୁବାର ଦିନ ହିତୋପଦେଶ ଦେଉଥିଲେ । ସନ୍ଧ୍ୟାବେଳେ ସେହି ଉପଦେଶ ଗୁଡ଼ିକରୁ ପ୍ରାୟତଃ ଆଁହଜରତ୍ ସ.ଅଙ୍କର ଆହାଦିସ୍ ଗୁଡ଼ିକ ମଧ୍ୟରୁ କେବଳ ଗୋଟିଏ ମାତ୍ର ହଦିସ୍ ଶୁଣାଉଥିଲେ । ସେହିପରି ହଦିସ୍ ବର୍ଣ୍ଣନା କଲାବେଳେ ତାଙ୍କର ଉତ୍ସାହ ଓ ରୁଚୀର ଏବଂ ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ରହିଥିବା ପ୍ରେମର ଦୃଶ୍ୟ ଆଖି ଆଗରେ ଯେମିତି ଝଲକି ଯାଉଥିଲା । ଇବ୍ନେ ମସଉଦ୍ ର.ଅଙ୍କର ଶିଷ୍ୟ ମସରୁକ୍ ବର୍ଣ୍ଣନା କରନ୍ତି ଯେ,ଦିନେ ଇବ୍ନେ ମସଉଦ୍ ର.ଅ ଆମମାନଙ୍କୁ ନବି କରିମ୍ ସ.ଅଙ୍କର ଗୋଟିଏ ହଦିସ୍ ଶୁଣେଇଲେ ଏବଂ ଯେତେବେଳେ ଏହି ଶବ୍ଦର ନିକଟବର୍ତ୍ତୀ ହେଲେ ଯେ,سَمِعْتُ رَسُوْلَ اللّٰهِ ଯେ,ଯେତେବେଳେ ମୁଁ ଅଲ୍ଲାଃଙ୍କ ରସୁଲଙ୍କ ଠାରୁ ଶୁଣିଅଛି । ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ଭୟଭୀତ ତଥା ପ୍ରକମ୍ପିତ ହୋଇ ତାଙ୍କ ଶରୀର ଉପରେ ଥରିବାର ଲକ୍ଷଣ ପରିଲକ୍ଷିତ ହେବାକୁ ଲାଗିଲା ଏପର୍ଯ୍ୟନ୍ତ କି ଆପଣ ପିନ୍ଧିଥିବା ଜାମାରେ ମଧ୍ୟ କମ୍ପନ ଅନୁଭୂତ ହେବାକୁ ଲାଗିଲା । ସେ ଅଲ୍ଲାଃଙ୍କୁ ଏତେ ଭୟ କରୁଥିଲେ ଯାହାର ଉଦାହରଣ ଦର୍ଶାଇ ସେ ବର୍ଣ୍ଣନା କରନ୍ତି ଯେ,ମଲା ପରେ ଯେମିତି ମୁଁ ପୁନର୍ଜୀବିତ ନହୁଏ ଏବଂ ବିଚାର ହେବାରୁ ବର୍ତ୍ତି ଯାଏ । ହଜରତ୍ ଅବ୍ଦୁଲ୍ଲା ର.ଅ ବର୍ଣ୍ଣନା କରନ୍ତି ଯେ,ଏକଦା ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ରୋଗରେ ପୀଡ଼ିତ ହେବା କାରଣରୁ ସେ ବହୁତ ଭୟଭୀତ ହୋଇଯାଇଥିଲେ । ସାହାବାମାନେ ପଚାରିଲେ ଯେ, ଆମେ ଆପଣଙ୍କୁ ତ' କୌଣସି ରୋଗରେ ପ୍ରପୀଡ଼ିତ ଥିବା ଅବସ୍ଥାରେ ଏତେ ଚିନ୍ତିତ ଥିବାର କେବେହେଲେ ଦେଖି ନାହୁଁ । ଯେତେ ଆପଣ ବର୍ତ୍ତମାନ୍ ଏହି ରୋଗରେ ପ୍ରପୀଡ଼ିତ ଥିବାର ଜଣାପଡୁଛନ୍ତି । ଇବ୍ନେ ମସଉଦ୍ ର.ଅ କହିଲେ ଯେ, ମୋତେ ହଠାତ୍ ଏହି ରୋଗଟି

ଆକ୍ରାନ୍ତ କରିପକାଇଛି । କିନ୍ତୁ ମୁଁ ତ' ବର୍ତ୍ତମାନ୍ ଶେଷଯାତ୍ରା ପାଇଁ କିଛି ତ ପ୍ରସ୍ତୁତ କରି ନାହିଁ ! ସେଇଥି ଲାଗି ମୁଁ ଏତେ ଚିନ୍ତିତ ଏବଂ ବ୍ୟଗ୍ର ତଥା ବ୍ୟସ୍ତବିବ୍ରତ ହୋଇପଡ଼ିଛି । ହଜ଼ରତ୍ ଅବ୍ଦୁଲ୍ଲା ଇବ୍ନେ ମସଉଦ୍ ର.ଅ ନିଜ ମୃତ୍ୟୁ ସଂପର୍କରେ ଏହା ଉଲ୍ଲେଖ କରି କହିଲେ ଯେ, ସେହି ଦିନ ମୋ ପାଇଁ କେବେ ସହଜସାଧ୍ୟ ହେବ ନାହିଁ । ମୁଁ ଚାହେଁ ଯେ,ଯେତେବେଳେ ମୁଁ ମୃତ୍ୟୁବରଣ କରିବି ସେତେବେଳେ ମୁଁ ଯେପରି ପୁନର୍ଜୀବିତ ନହୁଏ । ସେ ଏକ ଇଚ୍ଛାପତ୍ର କରିଲେ ଯେ,ତାଙ୍କର କଫନ୍ ସରଳ ତଥା ସାଧାରଣ ଚାଦରର ହେଉ ଏବଂ ମୃତ୍ୟୁ ପରେ ହଜ଼ରତ୍ ଉସ୍ମାନ୍ ବିନ୍ ମଜ଼ଉନ୍ ର.ଅଙ୍କ କବର ପାଖରେ ତାଙ୍କୁ କବର ଦିଆଯାଉ । ହଜ଼ରତ୍ ଉସ୍ମାନ୍ ର.ଅ ତାଙ୍କର ନମାଜ଼େ ଜନାୟା ପଢେଇଲେ ଏବଂ ତାଙ୍କୁ (ଅର୍ଥାତ୍ ଇବ୍ନେ ମସଉଦ୍ଙ୍କୁ ର.ଅଙ୍କୁ) ଜନ୍ନତୁଲ୍ ବକ୍ୱି ଠାରେ କବର ଦିଆଯାଇଥିଲା ।

ଅନ୍ୟ ଜଣେ ସାହାବି ଯାହାଙ୍କ ବିଷୟରେ ଆଜି ମୁଁ ଆଲୋଚନା କରିବି ତାଙ୍କ ନାମ ହେଲା ହଜ଼ରତ୍ କ୍ୱୁଦାମା ବିନ୍ ମଜ଼ଉନ୍ ର.ଅ । ହଜ଼ରତ୍ କ୍ୱୁଦାମା ବିନ୍ ମଜ଼ଉନ୍ ର.ଅ ହଜ଼ରତ୍ ଉସ୍ମାନ୍ ବିନ୍ ମଜ଼ଉନଙ୍କର ଭାଇ ଅଟନ୍ତି ସେହଜ଼ରତ୍ ଉମର୍ ର.ଅଙ୍କ ଭଉଣୀ ହଜ଼ରତ୍ ସଫିୟାଙ୍କୁ ବିବାହ କରିଥିଲେ । ଇସଲାମ୍ ଧର୍ମରେ ଦୀକ୍ଷିତ ହେବା ସମୟରେ ତାଙ୍କୁ ୧୯ ବର୍ଷ ପୁରିଥିଲା। ଅର୍ଥାତ୍ ଠିକ୍ କିଶୋର ଅବସ୍ଥାରେ ହିଁ ସେ ଇସଲାମ୍ ଧର୍ମ ଗ୍ରହଣ କରିନେଇଥିଲେ । ହିଜରତେ ମଦିନା ସମୟରେ ହଜ଼ରତ୍ କୁଦାମା ର.ଅଙ୍କ ସମସ୍ତ ପରିବାର ବର୍ଗ ନିଜର ଘରବାଡ଼ି ତ୍ୟାଗ ତଥା ଖାଲି କରି ମାତୃଭୂମି ଛାଡ଼ି ମକ୍କାକୁ ଚାଲି ଆସିଥିଲେ । ମଦିନାରେ ହଜ଼ରତ୍ ଅବ୍ଦୁଲ୍ଲା ବିନ୍ ସଲମି ଉଜଲାନି ର.ଅ କ୍ୱୁଦାମାଙ୍କର ପରିବାରକୁ ନିଜର ଅତିଥିଭାବେ ଗ୍ରହଣ କରିଥିଲେ । ଯେତେବେଳେ ଆଁହଜ଼ରତ୍ ସ.ଅଙ୍କ ମଦିନାରୁ ମକ୍କାକୁ ପ୍ରବାସର ଆଗମନ ହେଲା ସେତବେଳେ ହୁଜ୍ରୁର୍ ସ.ଅ ହଜ଼ରତ୍ କୁଦାମା ର.ଅଙ୍କୁ ଏବଂ ତାଙ୍କର ଭାଇମାନଙ୍କୁ ସ୍ଥାୟୀରୂପେ ବସବାସ ନିମନ୍ତେ ଏକ ଭୂଖଣ୍ଡ ପ୍ରଦାନ କରିଥିଲେ । ହଜ଼ରତ୍ କ୍ୱୁଦାମା ସର୍ବପ୍ରଥମ ଇମାନ ଗ୍ରହଣକାରୀଙ୍କ ମଧ୍ୟରେ ଅନ୍ୟତମ ଅଟନ୍ତି । ସେ ଉଭୟ ପ୍ରବାସରେ ଅର୍ଥାତ୍ ହିଜରତେ ହବଶା ଏବଂ ହିଜରତେ ମଦିନାରେ ଶାମିଲ ହୋଇଥିଲେ । ତାଙ୍କୁ ଓହୋଦ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ୍ରୁର୍ ସ.ଅଙ୍କର ସହଯାତ୍ରୀ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ହଜ଼ରତ୍ କ୍ୱୁଦାମା ୩୬ ହିଜରୀରେ ୬୮ ବର୍ଷ ବୟସରେ ଇହଧାମ ତ୍ୟାଗ କରିଥିଲେ । ସୁତରାଂ ଅଲ୍ଲାଃତାଲା ଆମମାନଙ୍କୁ ସାହାବାମାନଙ୍କର ଧର୍ମୀୟବୋଧ ତଥା ବୁଦ୍ଧିଯୁକ୍ତ ଆଦର୍ଶ ଏବଂ ଆଜ୍ଞାନୁବର୍ତ୍ତୀତା, ସତ୍ୟ ରକ୍ଷା କରିବାର ବାସ୍ତବ ଆଦର୍ଶ ଏବଂ ରସୁଲୁଲ୍ଲାଃ ସ.ଅଙ୍କ ପ୍ରତି ରହିଥିବା ପ୍ରେମର ସର୍ବୋଚ୍ଚ ସ୍ତର ପଥେ ପଥେ ଆଗେଇ ନେବା ସହିତ ସେହି ସାହାବାମାନଙ୍କର ପଦାଙ୍କ ଅନୁସରଣ ବା ଅବଲମ୍ବନ କରିବାର ଏବଂ କାର୍ଯ୍ୟାନୁସରଣ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଆମାମାନଙ୍କୁ ପ୍ରତ୍ୟେକ ବିଦ୍ରୋହରେ ଭାଗୀଦାର ହେବାରୁ ନିବୃତ୍ତ ରଖନ୍ତୁ । ଆମିନ୍

ହୁଜ୍ରୁରେ ଅନୱର୍ କହିଲେ: ଜୁମ୍ମା ନମାଜ଼ ପରେ ମୁଁ କେତେକଙ୍କର ନମାଜ଼େ ଜନାୟା ଗାଏବ୍ ( ଅନ୍ତ୍ୟୋଷ୍ଟି କ୍ରିୟା) ପଢିବି । ତନ୍ମଧ୍ୟରୁ ପ୍ରଥମ ଜନାୟା ହେଉଛ ସ୍ୱର୍ଗତା **ଅମତୁଲ୍ ହଫିଜ୍ ଭଟ୍ଟି ସାହେବା**, ସ୍ୱାମୀ-ମେହମୁଦ୍ ଭଟ୍ଟି ସାହେବ କରାଚୀଙ୍କର ଅଟେ । ସ୍ୱର୍ଗତା ଦୀର୍ଘ ସମୟ ଧରି କରାଚୀ ଜିଲ୍ଲାର ସଦର ଲଜନା ଭାବେ ଦାୟୀତ୍ୱ ତୁଲାଇ ଆସୁଥିଲେ । ସେପ୍ଟେମ୍ବର ମାସ ୨୭ ତିରଖରେ ୯୩ ବର୍ଷ ବୟସରେ ତାଙ୍କର ବିୟୋଗ ଘଟିଥିଲା اِنَّا لِلّٰہِ وَاِنَّا اِلَیْہِ رٰجِعُوْن। ତାଙ୍କ ପିତାଙ୍କ ନାମ ଡ଼.ଗୁଲାମ୍ ଅଲ୍ଲୀ ଥିଲା ଏବଂ ତାଙ୍କ ପିତା ହଜ଼ରତ୍ ମସିଃ ମଉଦ୍ ଅ.ସଙ୍କ ସାହାବା ଅନ୍ତର୍ଭୁକ୍ତ ଥିଲେ । ୧୯୩୬ ମସିହାରୁ ଦୀର୍ଘ ସମୟ ବ୍ୟାପି ସେ କାଦିୟାନର ଧାର୍ମିକ ପରିବେଶରେ ନିଜ ଜୀବନ ଅତିବାହିତ କରିଥିଲେ । ୧୯୪୮ ମସିହାରେ ବିବାହ ପରେ କରାଚୀକୁ ଚାଲି ଆସିବା ପରଠାରୁ ହିଁ ଲଜନା ଇମାଇଲ୍ଲା କରାଚୀରେ ସ୍ୱର୍ଗତା ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ । ୧୯୭୨ ମସିହାରେ ସିନ୍ଧ୍ ବିଶ୍ୱବିଦ୍ୟାଳୟରୁ ଆରବୀ ଭାଷାରେ ଏମ୍-ଏ ଡ଼ିଗ୍ରୀ ପ୍ରାପ୍ତ କରିଥିଲେ । ସେ ତେହରିକେ ଜଦିଦର ପାଞ୍ଚ ହଜ଼ାର ମୁଜାହିଦିନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଅଲ୍ଲାଃତାଲା ତାଙ୍କ ପ୍ରତି ଦୟାଶୀଳ ହୁଅନ୍ତୁ ଏବଂ ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ ଓ ତାଙ୍କର ସନ୍ତାନ ସନ୍ତତିମାନଙ୍କୁ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଜନାୟା ହେଉଛି ସ୍ୱର୍ଗତ **ଅଦନାନ୍ ୱିନନ୍ ବରୁକ୍ ସାହେବ୍** । ଯେକି ବେଲଜିୟମର ବୈଦେଶିକ ମନ୍ତ୍ରାଳୟରେ ସଚିବ ରୂପେ କର୍ମରତ ଥିଲେ । ସେପ୍ଟେମ୍ବର ମାସ ୨୯ ତାରିଖ ଦିନ ସେ ଇହଧାମ ତ୍ୟାଗ କରିଥିଲେ اِنَّا لِلّٰہِ وَاِنَّا اِلَیْہِ رٰجِعُوْن। ତାଙ୍କ ପିତା ରିଜ଼ୱାନ୍ ୱିନନ୍ ବରୁକ୍ ସାହେବ ବେଲଜିୟମର ପ୍ରଥମ **ବେଲ୍ଜ୍** ଅହେମଦି ଭାବେ ପରିଚିତ ଅଟନ୍ତି ଏବଂ ସେ ୬୦ ଦଶକରେ ବୈତ୍ କରିଥିଲେ । ଅଦନାନ୍ ସାହେବ୍ ସର୍ବଦା ଉପସ୍ଥିତ ମଣ୍ଡଳୀଙ୍କୁ ଏହା କହୁଥିଲେ ଯେ,ମୋ ପାଖରେ ଏମିତି ଏକ ଅନୁବାଦକ ଅଛନ୍ତି ଯିଏକି ଇଂଗ୍ରାଜୀରୁ ଫ୍ରାନ୍ସିସି ଭାଷାକୁ ମଧ୍ୟ ଅନୁବାଦ କରିବାରେ ସକ୍ଷମ ଅଟନ୍ତି । ସେହିପରି ଡଚ୍ ଭାଷାରେ ମଧ୍ୟ ସେ ଅନୁବାଦ କରିବାରେ ସକ୍ଷମ ଅଟନ୍ତି । ଅଦନାନ୍ ସାହେବଙ୍କ ମାତା ବର୍ଣ୍ଣନା କରନ୍ତି ଯେ, ଯେପରି ଅଦନାନଙ୍କ ପିତା ସାଂସାରିକ ମୋହମାୟା ପ୍ରତି ବିମୁଖ ଓ ଏଥିପ୍ରତି ତାଙ୍କର ଆଦୌ ଅଭିରୁଚି ନଥିଲା । ଠିକ୍ ସେହିପରି ଅଦନାନ୍ ମଧ୍ୟ ତାଙ୍କ ପିତାଙ୍କର ପଦାଙ୍କ ଅନୁସରଣ କରୁଥିଲେ । ସେ ନିୟମିତରୂପେ ନମାଜ଼୍  ପଢୁଥିଲେ । ସେ ଜମାତର ସେବାକାରୀ, ଖିଲାଫତ୍ ପ୍ରତି ନିଷ୍ଠା ଥିଲା ଏବଂ  ପ୍ରତ୍ୟେକ ସପ୍ତାହରେ ସେ ନିଜେ ଖୁତବା ଜୁମ୍ମା ଶୁଣୁଥିଲେ ଏବଂ ନିଜର ପିଲାମାନଙ୍କୁ ମଧ୍ୟ ଖୁତବା ଶୁଣିବା ପାଇଁ ବାଧ୍ୟ କରୁଥିଲେ । ଜମାତର ସେବା ପାଇଁ ସେ ସର୍ବଦା ତତ୍ପର ଥିଲେ । ତାଙ୍କର ଖିଲାଫତ୍ ସହିତ ସୁଦୃଢ ସମ୍ପର୍କ ରହିଥିଲା । ଅଲ୍ଲାଃତାଲା ତାଙ୍କର ଆତ୍ମାକୁ ସଦଗତି ପ୍ରଦାନ କରି, ତାଙ୍କର ଦରଜାତ୍ ସୁଉଚ୍ଚ, ଉନ୍ନୀତ କରନ୍ତୁ, ତାଙ୍କ ପ୍ରତି ଦୟାଶୀଳ ହୁଅନ୍ତୁ । ସେହିପରି ଅଲ୍ଲାଃତାଲା ଜମାତକୁ ମଧ୍ୟ ଏହିପରି ପ୍ରାଣ ଉତ୍ସର୍ଗ କରୁଥିବା ବ୍ୟକ୍ତି ପ୍ରଦାନ କରି ଚାଲନ୍ତୁ । ମୃତକଙ୍କ ପରିବାରରେ ତାଙ୍କର ସ୍ତ୍ରୀ ବ୍ୟତୀତ ଗୋଟିଏ ପୁତ୍ର ଏବଂ ଗୋଟିଏ ପୁତ୍ରୀ ରହିଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଧର୍ମରେ ଅଟଳ ରଖନ୍ତୁ ଏବଂ ଇମାନକୁ ସୁଦୃଢ କରି ତଥା ସେମାନଙ୍କୁ ନିଜର ପିତାଙ୍କର ପଦାଙ୍କ ଅନୁସରଣ କରିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

......................

**Khulasa Khutba Juma Huzoor Anwar a.b.a**

**5 OCT 2018**

............